**॥ ୨୦୧୯- ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ମେଳା ସୁଚାରୁ ରୂପେ ସମ୍ପାଦନ କରାଯିବା ନିମନ୍ତେ ତା-୧୮.୦୧.୨୦୧୯ ରିଖ କୋଣାର୍କ ଯାତ୍ରୀ ନିବାସ ସଭାଗୃହରେ ଅନୁଷ୍ଠିତ ହୋଇଥିବା ପ୍ରଥମ ସମନ୍ୱୟ କମିଟି ବୈଠକର ବିବରଣୀ ॥**

---

ଚଳିତ ବର୍ଷ ମାଘ ସପ୍ତମୀ ମେଳା ତା-୧୧.୦୨.୨୦୧୯ ରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇ ତା-୧୨.୦୨.୨୦୧୯ରିଖ ମଙ୍ଗଳବାର ଦିନ ପର୍ଯ୍ୟନ୍ତ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ମେଳା ପଡିଆରେ ଅନୁଷ୍ଠିତ ହେବ । ଏହି ଚନ୍ଦ୍ରଭାଗା ମେଳା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ନିମନ୍ତେ ସମାଗମ ହୋଇଥାନ୍ତି । ଏହି ମେଳାକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଶ୍ରୀଯୁକ୍ତ **ଜ୍ୟୋତି ପ୍ରକାଶ ଦାଶ**, ଜିଲ୍ଲାପାଳ ପୁରୀ ଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ ବୈଠକ ତା-୧୮.୦୧.୨୦୧୯ ରିଖ ଅପରାହ୍ନ ଘ୩.୩୦ଟିକା ସମୟରେ କୋଣାର୍କ ଯାତ୍ରୀ ନିବାସ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମାନ୍ୟବର ବିଧାୟକ, କାକଟପୁର ନିର୍ବାଚନ ମଣ୍ଡଳୀ , ଅତିରିକ୍ତ ଜିଲ୍ଲାପାଳ, ପୁରୀ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ସେବାୟତ ପ୍ରତିନିଧି ଉପସ୍ଥିତ ଥିଲେ । ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କ ତାଲିକା ପରିଶିଷ୍ଟ 'କ' ରେ ଦର୍ଶାଯାଇଅଛି ।

ସର୍ବ ପ୍ରଥମେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଭ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଚନ୍ଦ୍ରଭାଗା ମେଳା ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ସଭ୍ୟମାନଙ୍କ ସହଯୋଗ କାମନା କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ବିଗତ ବର୍ଷର ଆୟୋଜନର ଯଦି କିଛି ତୃଟି ଥାଏ ତାହାର ସଂଶୋଧନ କରି ଚଳିତ ବର୍ଷ ଚନ୍ଦ୍ରଭାଗା ମେଳାକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ନିମନ୍ତେ ନିମ୍ନବର୍ଣ୍ଣିତ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

**୧) ନୀତି ସମ୍ପାଦନ:-**

ପୂର୍ବ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମାଘ ସପ୍ତମୀ ମେଳା ନିମନ୍ତେ ଠାକୁର ମାନଙ୍କର ମେଳା ପଡିଆକୁ ଆସିବା ନିମନ୍ତେ ମାହେନ୍ଦ୍ର ବେଳା ଓ ଅମୃତ ବେଳା ନିରୁପଣ ସହିତ ଯଥାରୀତି ନୀତି ସମ୍ପାଦନ ସମ୍ବନ୍ଧରେ ଉପ ଜିଲ୍ଲାପାଳ, ପୁରୀଙ୍କ ଅଧକ୍ଷତାରେ ଏକ ସବ୍ କମିଟି ଗଠନ କରାଗଲା । ଉକ୍ତ କମିଟିରେ ନିମ୍ନଲିଖିତ ପଦାଧିକାରୀଙ୍କୁ ନିୟୋଜିତ କରିବାପାଇଁ ଅଧକ୍ଷ ପରାମର୍ଶ ଦେଇଥିଲେ ।

୧. **ତହସିଲଦାର, ଗୋପ/ ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ ମଣ୍ଡଳ ଉନ୍ନୟନ ଅଧିକାରୀ, କାକାଟପୁର/ ମଣ୍ଡଳ ଉନ୍ନୟନ ଅଧିକାରୀ, ଅସ୍ତରଙ୍ଗ/ ତହସିଲଦାର, କାକଟପୁର / ତହସିଲଦାର, ଅସ୍ତରଙ୍ଗ/ନିମାପଡା/ ଉପଆରକ୍ଷୀ ଅଧିକାରୀ, ନିମାପଡା/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କୋଣାର୍କ/ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା ।**

ଉକ୍ତ ସବ୍ କମିଟି ଠାକୁର ମାନଙ୍କର ନୀତି ସମ୍ପାଦନ, ମାହେନ୍ଦ୍ର ବେଳା ଆଦି ନିରୂପଣ କରି ଆସନ୍ତା ବୈଠକରେ ସମସ୍ତଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରିବେ ଏବଂ ମେଳାର ସମସ୍ତ ପ୍ରସ୍ତୁତି ପରିଚାଳନା କରିବେ । ଉପସ୍ଥିତ ଥିବା ପୂଜକ ମାହେନ୍ଦ୍ର ବେଳା ନିରୂପଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଉପ ଜିଲ୍ଲାପାଳ ଉକ୍ତ ମାହେନ୍ଦ୍ର ବେଳା ସବ୍ କମିଟି ବୈଠକରେ ଚୂଡାନ୍ତ କରି ୨ୟ ସମନ୍ୱୟ ବୈଠକରେ ଉପସ୍ଥାପନ କରିବେ । ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଗାମୀ ୩-୪ ଦିନ ମଧ୍ୟରେ ସବକମିଟି ବୈଠକ ଅନୁଷ୍ଠିତ ନିମନ୍ତେ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀକୁ ଜିଲ୍ଲାପାଳ ଆଦେଶ ଦେଇଥିଲେ |

ଉକ୍ତ ସବ୍ କମିଟି ମେଳାର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରି ମେଳା କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହେବା ନିମନ୍ତେ ପଦକ୍ଷେପ ଗ୍ରହଣ କରି ଏ ସମ୍ବନ୍ଧରେ ୨ୟ ସମନ୍ୱୟ କମିଟି ବୈଠକରେ ଜଣାଇବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଠାକୁର ମାନଙ୍କ ବିଜେ ଶୋଭାଯାତ୍ରା ନୀତି ସମ୍ପାଦନ ଇତ୍ୟାଦିରେ ଅର୍ଥ ଖର୍ଚ୍ଚ ପଡୁଥିବାରୁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ସମସ୍ତ ଖର୍ଚ୍ଚ କୁ ତୁଲାଇବା ନିମନ୍ତେ ବୈଠକରେ ସିଦ୍ଧାନ୍ତ ହୋଇଥିଲା । ଆବଶ୍ୟକ ଅର୍ଥ

କୋଣାର୍କ ଅଂଚଳରେ ପାର୍କିଂ ଫିସ୍ , ଦୋକାନୀ ମାନଙ୍କଠାରୁ ସେସ୍ ଅର୍ଥ ବିନିଯୋଗ କରିପାରିବେ ବୋଲି ସ୍ଥିର କରାଯାଇଥିଲା । ଏତଦ୍ ବ୍ୟତୀତ ସଂପୃକ୍ତ ବିଭାଗୀୟ ଅଧିକାରୀ ମେଳା ନିମନ୍ତେ ଆବଶ୍ୟକ କାର୍ଯ୍ୟ ପାଇଁ ବିଭାଗୱାରୀ ଏଷ୍ଟିମେଟ କରି ଜଣାଇବେ ଯଦ୍ୱାରା କି ଏକ ପ୍ରସ୍ତାବ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିସ୍ କରାଯିବ । ଉକ୍ତ ଏଷ୍ଟିମେଟ ଏବଂ ଆବଶ୍ୟକ ଅର୍ଥ ସମ୍ବନ୍ଧରେ ଚନ୍ଦ୍ରଭାଗା ମେଳା ସବ୍‌କମିଟି ସ୍ଥିର କରି ରାଜ୍ୟ ସରକାରଙ୍କୁ ସୁପାରିସ କରିବେ ବୋଲି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

୨. ମାଘ ସପ୍ତମୀ ମେଳା ସମୟରେ ତିନିଠାକୁର ଯଥା-**(୧) ଗୋପ ତହସିଲ ଅନ୍ତର୍ଗତ ମାଧିପୁର ଗ୍ରାମର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ଦେବ, (୨) କାକଟପୁର ତହସିଲ ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମର ଶ୍ରୀ ଶ୍ରୀ ଦକ୍ଷୀଣେଶ୍ୱର ଦେବ, (୩) ସନ୍ଥପୁର ଗ୍ରାମର ଶ୍ରୀ ଶ୍ରୀ ଈଶାଣେଶ୍ୱର ଦେବ ଯଥାକ୍ରମେ ତହସିଲଦାର, ଗୋପ, ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ ତହସିଲଦାର, କାକଟପୁର ଏବଂ ତହସିଲଦାର, ଅସ୍ତରଙ୍ଗ**ଙ୍କ ତତ୍ୱାବଧାନରେ ଚନ୍ଦ୍ରଭାଗା ମେଳା ସ୍ଥାନକୁ ବିଜେ କରିବେ ଏବଂ ଏହି ଶୋଭାଯାତ୍ରା ସମୟରେ **ପାରମ୍ପରିକ ବାଦ୍ୟଯନ୍ତ୍ରାଶ ସହ** ଆୟୋଜନ କରାଯିବ ବୋଲି ନିଷ୍ପତି କରାଗଲା । ଏହା ଉପ ଜିଲ୍ଲାପାଳ, ପୁରୀ ଓ ସଂସ୍କୃତି ଅଧିକାରୀଙ୍କ ତତ୍ୱାବଧାନରେ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଗଲା । **ଉକ୍ତ ଶୋଭା ଯାତ୍ରା ରେ ଡି.ଜେ .ବ୍ୟବହାର କରାଯିବ ନାହିଁ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ |**

ତିନିଠାକୁରଙ୍କ ମନ୍ଦିରକୁ ମେଳା ପୂର୍ବରୁ ଚୂନ ଧଉଳାଇବା ନିମନ୍ତେ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ବିହିତ ପଦକ୍ଷେପ ନେବେ ଏବଂ ଉପ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ କମିଟି ତିନିଠାକୁରଙ୍କ ମନ୍ଦିର ଓ ବିମାନ ସ୍ଥିତାବସ୍ଥା ସମ୍ବନ୍ଧରେ ସମୀକ୍ଷା କରି ବିହିତ ପଦକ୍ଷେପ ନେବେ । କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ଏହାର ଆଶୁ ବ୍ୟବସ୍ଥା କରିବେ ବୋଲି ବୈଠକରେ ପରାମର୍ଶ ଦିଆଗଲା ।

***[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ/ତହସିଲଦାର, ଗୋପ /କାକଟପୁର/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା/ ଚେୟାରମ୍ୟାନ୍, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]***

**୨) ସ୍ୱାସ୍ଥ୍ୟ ଓ ପରିମଳ:-**

**କ) ସ୍ୱାସ୍ଥ୍ୟ :-** ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଚନ୍ଦ୍ରଭାଗା ମେଳାରେ ଅଧିକ ସଂଖ୍ୟକ ଯାତ୍ରୀ ସମାଗମକୁ ଦୃଷ୍ଟିରେ ରଖି ସଂକ୍ରାମକ ରୋଗ ନିରାକରଣ ନିମନ୍ତେ ରାମଚଣ୍ଡୀ ଠାକୁରାଣୀଙ୍କ ଛକ, ଚନ୍ଦ୍ରଭାଗା ମେଳା ପଡିଆ, ବେଗୁନିଆ ଛକ,ହେଲିପ୍ୟାଡ଼ ଓ କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ତା-୧୧.୦୨.୨୦୧୯ ଓ ତା-୧୨.୦୨.୨୦୧୯ ରିଖ ଖୋଲାଯିବା ନିମନ୍ତେ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା । କୋଣାର୍କ ଚିକିତ୍ସାଳୟରେ ଅଧିକ ଶଯ୍ୟା, ଆମ୍ବୁଲନସ୍, ଔଷଧ ମହଜୁଦ୍ ରଖିବାପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । କୋଣାର୍କ ଡାକ୍ତରଖାନାରେ ଜଣେ ସ୍ଥାୟୀ ଡାକ୍ତର ସହ ଜଣେ ଅତିରିକ୍ତ ଡାକ୍ତର ମେଳା ଉପଲକ୍ଷେ ନିୟୋଜିତ ରହିବେ ଏବଂ ରାତ୍ର ଜଗୁଆଳ ରହିବାର ବ୍ୟବସ୍ଥା କରିବେ । ଏତଦ୍ ବ୍ୟତୀତ କୋଣାର୍କ ସଂଲଗ୍ନ ସମସ୍ତ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର, ପାରା ମେଡିକାଲ ଷ୍ଟାଫ୍ ମୁତୟନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିହିତ ପଦକ୍ଷେପ ନେବାପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ତତ୍ ସଙ୍ଗେ ସଙ୍ଗେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ପ୍ରକାଶ କଲେ ଯେ, ରାମଚଣ୍ଡୀ ଠାକୁରାଣୀ ଛକ ଠାରୁ ଚନ୍ଦ୍ରଭାଗା ମେଳା ପଡିଆ ପର୍ଯ୍ୟନ୍ତ ୨ ଗୋଟି ଭ୍ରାମ୍ୟମାଣ ଚିକିତ୍ସା ଗାଡି ଅହୋରାତ୍ର କାର୍ଯ୍ୟ କରିବ ଓ ୨ ଗୋଟି ଆମ୍ବୁଲାନ୍ସ ମୁତୟନ କରାଯିବ ।

ଚେୟାରମ୍ୟାନ

ଖାଦ୍ୟ ଅପମିଶ୍ରଣକୁ କଡାକଡି ଭାବେ ତନଖି କରିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ମେଳାର ୩ଦିନ ପୂର୍ବରୁ ମୁତୟନ କରାଯିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଖାଦ୍ୟ ଦୋକାନରେଖାଦ୍ୟର ମାନ ଯାଂଚ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ଏବଂ ମୋବାଇଲ କୋର୍ଟ କାର୍ଯ୍ୟକ୍ଷମ ହେବ । କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ମଧ୍ୟ ଖାଦ୍ୟ ଯାଂଚ ନିମନ୍ତେ ଏକ ଦଳ ମୁତୟନ କରାଯିବ |

*[କାର୍ଯ୍ୟାନୁଷ୍ଠାନ:- ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ /ନିର୍ବାହୀ ଅଧିକାରୀ କୋଣାର୍କ ବିଜ୍ଞାପିତ ଅଂଚଳ ]*

**ଖ) ପରିମଳ:-**

ମେଳା ପଡିଆ ରେ ମୋଟ ୧୦୦ ଗୋଟି ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାରର ବ୍ୟବସ୍ଥା କରାଯିବ । ଉକ୍ତ ସ୍ଥାନଠାରେ ପଲିଥିନ ପଡିବ ଏବଂ ତାହାକୁ ଟିଣ ଚଦର୍ ଘେର କରାଯିବ । ମେଳା ପଡିଆ ରେ ପାନୀୟ ଜଳ ଉତ୍ସ ମାନଙ୍କରେ ବ୍ଲିଚିଂଗ୍ ପାଉଡର ପକାଇବା ନିମନ୍ତେ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପୁରୀ ପୌରସଂସ୍ଥା ରୁ ୫-୬ ଗୋଟି ମୋବାଇଲ୍ ଟଏଲଟ୍ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ବରାଦୀ କରାଯିବ |

କୋଣାର୍କ ଚିକିତ୍ସାଳୟ ପରିସରକୁ ସଫାସୁତୁରା ରଖିବା ପାଇଁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଉକ୍ତ କାର୍ଯ୍ୟ ମେଳାର ୭ ଦିନ ପୂର୍ବରୁ କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ମେଳା ଶେଷର ୨ ଦିନ ମଧ୍ୟରେ କୋଣାର୍କ ତଥା ଚନ୍ଦ୍ରଭାଗା ମେଳା ପଡିଆକୁ ତୁରନ୍ତ ସଫା କରିବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମେଳା ପଡିଆରେ ଡଷ୍ଟବିନ ରଖାଯିବାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ତତ୍ ସଙ୍ଗେ ମାଇକ୍ ସେଟ୍ ମାଧ୍ୟମରେ ପାଇଖାନା, ପରିଶ୍ରାଗାର, ଡଷ୍ଟବିନ ବ୍ୟବହାର କରିବାକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରାଯିବ । ଉଡେନ ରେଷ୍ଟୁରାଂଟ ପାଖ ପାଇଖାନାଗାରକୁ କୋଣାର୍କ ବିଜ୍ଞାପିତ ଅଂଚଳ ପରିଚାଳନା କରିବା ସହ ରାତ୍ର ୯ ଘଟିକା ଓ ୪ ଘଟିକା ସମୟରେ ପରିଷ୍କାର କରିବେ ଏବଂ ସେଠାରେ ବିଦ୍ୟୁତ ଆଲୋକର ବ୍ୟବସ୍ଥା କରିବେ ।

*[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଅଧିକାରୀ,କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ / ନିର୍ବାହୀ ଯନ୍ତ୍ରୀ , ଗ୍ରାମ୍ୟ ଜଳ ଯୋଗାଣ, ପୁରୀ]*

**ଗ) ପାନୀୟ ଜଳ ଯୋଗାଣ:-**

କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ୨୪୦ ଟି ସଚଳ ନଳକୂପ ରହିଛି । ଅଚଳ ନଳକୂପ ଗୁଡିକୁ ମରାମତି କରି ମେଳା ପୂର୍ବରୁ ସଚଳ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ନଳକୂପଗୁଡିକୁ ମେଳା ପୂର୍ବରୁ ବିଶୋଧନ କରାଯିବା ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ୫୦ ଗୋଟି ଅସ୍ଥାୟୀ ନଳକୂପ ବସାଯିବା ପାଇଁ ପରାମର୍ଶ ଦିଆଗଲା । ନଳକୂପ ଗୁଡିକର ବିଶୋଧନ କାର୍ଯ୍ୟ ମେଳା ପୂର୍ବରୁ ଶେଷ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।

ମେଳା ସମୟରେ ୭ ଗୋଟି ଜଳ ପୁର୍ଣ୍ଣ ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ବଂଟନ କରାଯିବାର ବ୍ୟବସ୍ଥା କରାଯିବ । ତତ୍ ସଙ୍ଗେ ଭ୍ରାମ୍ୟମାଣ ପାଣିଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ବଂଟନର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣଙ୍କୁ ପରାମର୍ଶ ଦେଇଥିଲେ । ଏତଦ୍ ବ୍ୟତୀତ ତିନିଠାକୁରଙ୍କ ପାଖରେ ଥିବା ଟ୍ୟୁବୱେଲକୁ ମରାମତି କରି ରୋଗାଣୁନାଶ କରିବାପାଇଁ ବିହିତ ପଦକ୍ଷେପ ନେବେ । ସମସ୍ତ ପ୍ରସ୍ତୁତି ଯାତ୍ରାର ୨ ଦିନ ପୂର୍ବରୁ ନିଶ୍ଚିତ କରିବା ପାଇଁ ପରାମର୍ଶ ଦିଆଗଲା ।

*[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ, ପୁରୀ/ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ, ପୁରୀ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]*

ଜ୍ୟୋତିଷ୍କ

୪) <u>ବିଦ୍ୟୁତ ଯୋଗାଣ</u>:-

ମେଳା ପଡିଆରେ ଉଜ୍ଜ୍ୱଳ ଆଲୋକ ଓ ସମସ୍ତ ଅଧିକାରୀଙ୍କ ଶିବିରକୁ ଆଲୋକିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ପାଇଖାନା ଓ ପରିଶ୍ରାଗାର ମଧ ଆଲୋକିତ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ବାହୀ ଅଧିକାରୀ, କୋଣାର୍କ ଏନ୍ .ଏ. ସି ଙ୍କୁ ପରାମର୍ଶ ଦେଇଥିଲେ । ମେଳା ସମୟରେ ହେଲିପ୍ୟାଡ, ମେଳା ପଡିଆ ଓ ମେରାଇନ ଡ୍ରାଇଭ ୩ ଗୋଟି ସ୍ଥାନରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ଆଲୋକ ବ୍ୟବସ୍ଥା କରିବେ । ଆବଶ୍ୟକ ଅନୁଯାୟୀ ଜେନେରେଟର ବ୍ୟବସ୍ଥା କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କରିବେ । ନବଗ୍ରହ ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାରେ ଆଲୋକର ବ୍ୟବସ୍ଥା କରିବେ । ଉପସ୍ଥିତ ମାନ୍ୟବର ବିଧାୟକ, କାକଟପୁର ନିର୍ବାଚନ ମଣ୍ଡଳୀ ବୈଠକରେ ପ୍ରକାଶ କରିଥିଲେ ଚଳିତବର୍ଷ ମେଳା ପଡିଆକୁ ଲିଟୁ ଲାଇଟରେ ସୁସଜ୍ଜିତ କରିବାକୁ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ବିହିତ ପଦକ୍ଷେପ ନେବେ । ବିଦ୍ୟୁତ୍ ବିଭାଗ ଏବଂ କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ମେଳା ଉପଲକ୍ଷେ ଆବଶ୍ୟକ ମରାମତି ଦଳ ମୁତୟନ କରିବେ । ପୂର୍ବ ବର୍ଷର ପ୍ରସ୍ତୁତି ଅନୁରୂପ ଏ ବର୍ଷ ସମସ୍ତ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଗଲା ଏବଂ ସମସ୍ତ କାର୍ଯ୍ୟ ୨ୟ ସମନ୍ୱୟ ବୈଠକ ପୂର୍ବରୁ ସମାପ୍ତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହା ସବ୍ କମିଟି ତଦାରଖରେ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଗଲା ।

***[କାର୍ଯ୍ୟାନୁଷ୍ଠାନ:- ସବ୍ କମିଟି ଚନ୍ଦ୍ରଭାଗା ମେଳା/ଏ.ଜି.ଏମ୍., ସେସୁ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]***

**୫) <u>ପରିବହନ ବ୍ୟବସ୍ଥା ଓ ରାସ୍ତାଘାଟ ମରାମତି</u>:-**

ଚନ୍ଦ୍ରଭାଗା ମେଳା ନିମନ୍ତେ ଯାତ୍ରୀମାନଙ୍କର ଗମନାଗମନ ପାଇଁ ଭୁବନେଶ୍ୱର-କୋଣାର୍କ, ପୁରୀ-କୋଣାର୍କ ଓ କାକଟପୁର-କୋଣାର୍କ ରାସ୍ତା ଗୁଡିକରେ ଯାତାୟତ କରୁଥିବା ବସ୍‌ରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବସ୍ ଭଡା ଧାର୍ଯ୍ୟ, ଦୁର୍ଘଟଣା ଏଡାଇବା ନିମନ୍ତେ, ଗାଡିର ବେଗ ଯାଂଚ କରିବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ପରିବହନ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବେ । ଦୁର୍ଘଟଣା ଜନିତ ଗାଡିକୁ ଯଥାଶିଘ୍ର ରାସ୍ତାରୁ ଅପସାରଣ କରିବା ପାଇଁ ୨ ଗୋଟି କ୍ରେନ୍ ମହଜୁଦ୍ ରଖିବା ସହିତ ୪ ଗୋଟି Enforcement Squad ଓ ୨ ଗୋଟି ଇଣ୍ଟରସେପ୍ଟର୍ ର ବ୍ୟବସ୍ଥା ନିମନ୍ତେ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା । ଯାତ୍ରୀ ବାହି ବସ୍ ଗୁଡିକରେ ରେଟ୍ ଚାର୍ଟ ଲଗାଯିବା ସହ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ କରାଯିବାକୁ ବୈଠକରେ ନିଷ୍ପତି ନିଆଗଲା ।

***[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ/ ନିମାପଡା /ଆଂଚଳିକ ପରିବହନ ଅଧିକାରୀ, ପୁରୀ]***

**(କ) ପାର୍କିଂ ବ୍ୟବସ୍ଥା :-**

ପୁଷ୍କରିଣୀର ପଛଭାଗରେ ଥିବା ପାର୍କିଂ ଅଂଚଳରେ ଆଲୋକର ବ୍ୟବସ୍ଥା କରାଯିବ ।

କୋଣାର୍କ ବତୀଘରଠାରୁ ହେଲିପ୍ୟାଡ ମଧରେ ପାର୍କିଂ ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ଦିଆଗଲା । ଏହା ନିଲାମ ମାଧମରେ ସ୍ଥିର କରି ଯାଗାର ଉନ୍ନତିକରଣ କରିବା ନିମନ୍ତେ ପରାମର୍ଶ ଦିଆଗଲା । ଚନ୍ଦ୍ରଭାଗା ଫରେଷ୍ଟ ଡାକବଙ୍ଗଳା ପାଖରେ ୨ ଚକିଆ ଯାନ ପାର୍କିଂ ବ୍ୟବସ୍ଥା କରାଯିବ । ବସଷ୍ଟାଣ୍ଡ ମଧରେ ଖରାପ ହୋଇଯାଇଥିବା ସ୍ଥାନକୁ ତୁରନ୍ତ ମରାମତି କରିବା ନିମନ୍ତେ ପରାମର୍ଶ ଦିଆଗଲା । ସକାଳ ୫ ଟା ଠାରୁ ରାତି ୮ ଟା ପର୍ଯ୍ୟନ୍ତ ୪ ଚକିଆ ଯାନ ଗୁଡିକ ଚନ୍ଦ୍ରଭାଗା ଠାରୁ ନବଗ୍ରହ ପର୍ଯ୍ୟନ୍ତ ଯାତାୟତ କରିପାରିବେ ନାହିଁ ବୋଲି ପରିବହନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା ।

କ୍ରମଶଃ

ମେଳା ଉପଲକ୍ଷେ ଯାନବାହନ ନିରାପଦରେ ଚଳପ୍ରଚଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ଖାଲଢିପ ରାସ୍ତାଗୁଡିକର ମରାମତି କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦଙ୍କୁ ବୈଠକରେ ପରାମର୍ଶ ଦିଆଯାଇଥିଲା । ଯାତ୍ରୀମାନଙ୍କର ଚଳପ୍ରଚଳ ନିମନ୍ତେ କୋଣାର୍କଠାରୁ ଚନ୍ଦ୍ରଭାଗା ଦେଇ ରାମଚଣ୍ଡୀ ପର୍ଯ୍ୟନ୍ତ ଜାତୀୟ ରାଜପଥ କଡରେ ଥିବା କଂଟାବୁଦାକୁ ସଫା କରିବା ନିମନ୍ତେ ବୈଠକରେ ପୂର୍ତ୍ତ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ରାସ୍ତାରେ ଥିବା ହମ୍ପସ୍ ପୂର୍ବରୁ ଚିହ୍ନ ଲଗାଇବା ପାଇଁ ଏନ୍ . ଏଚ୍ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ନବଗ୍ରହ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ତତ୍ ସଙ୍ଗେ ଏନ୍. ଏଚ୍. /ପି. ଡବ୍ଲ୍ୟୁ. ଡି,/ ଏନ୍. ଏ.ସି. ସେମାନଙ୍କ ରାସ୍ତାଗୁଡିକରେ ତୁରନ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।

ଚନ୍ଦ୍ରଭାଗା ପୁଷ୍କରିଣୀ ଚତୁଃ ପାର୍ଶ୍ୱରେ ବାରିକେଡ କରିବାପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଅର୍ପଣ କରାଗଲା ।

- ହେଲିପ୍ୟାଡ୍ ପାର୍କିଂ ସ୍ଥାନର ସଲଗ୍ନ ରାସ୍ତାକୁ ମରାମତି କରାଯିବ ।
- ବସ୍ ଷ୍ଟାଣ୍ଡ ରେ ଥିବା ଖାଲଖମାକୁ ଏନ୍. ଏ. ସି. ମରାମତି କରିବେ ।
- କୋଣାର୍କ- ପିପିଲି ରାସ୍ତାକୁ ଆର୍ ଆଣ୍ଡ ବି ଏବଂ ଆରକ୍ଷୀ ନିରୀକ୍ଷକ, କୋଣାର୍କ ଯୁଗ୍ମ ତଦନ୍ତ କରି ପାର୍କିଂ ପାଇଁ ଓ ଗମନାଗମନ ସୁବିଧା ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ କରିବେ ।
- ଚନ୍ଦ୍ରଭାଗା-କୋଣାର୍କ- ପିପିଲି ରାସ୍ତାଗୁଡିକୁ ଏନ୍. ଏ. ସି., ଆର୍ ଆଣ୍ଡ ବି ଏବଂ ଆରକ୍ଷୀ ନିରୀକ୍ଷକ, କୋଣାର୍କ ଙ୍କ ଜରିଆରେ ସୁଗମ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ । ଏହା ମେଳାର ୫ ଦିନ ପୂର୍ବରୁ ସମାପ୍ତ ହେବ ।
- ବସ୍ ଷ୍ଟାଣ୍ଡ ଅସ୍ଥାୟୀ ପାର୍କିଂ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାକୁ ଏନ୍. ଏ. ସି. ତୁରନ୍ତ ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ।
- ପ୍ରତ୍ନତତ୍ୱ ବିଭାଗ, କୋଣାର୍କ ପାର୍କିଂ ସ୍ଥାନକୁ ସଫାକରିବା ସହିତ ମେଳା ୨ ଦିନ ଏବଂ ଅନ୍ୟାନ୍ୟ ଜନଗହଳି/ ଯାତ୍ରା ଦିବସମାନଙ୍କରେ ଯାନ ଗୁଡିକର ପାର୍କିଂ ବ୍ୟବସ୍ଥା କରିବାକୁ ପ୍ରତ୍ନତତ୍ୱ ଅଧିକାରୀ କୋଣାର୍କଙ୍କୁ ବୈଠକରେ ପରାମର୍ଶ ଦିଆଗଲା ।
- ବୁଲା ଗାଈ, ଗୋରୁ, ଷଣ୍ଢ ଇତ୍ୟାଦିଙ୍କୁ ତୁରନ୍ତ ଅପସାରଣ ନିମନ୍ତେ ନିର୍ବାହୀ ଅଧିକାରୀ ,କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ମେଳା ଉପଲକ୍ଷେ ଗାଈ ଗୋରୁ ମାନଙ୍କୁ ବାହାରକୁ ନ ଛାଡିବା ନିମନ୍ତେ ମାଇକ ମାଧମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରିବେ ।

***[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ /ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ /ତହସିଲଦାର, ଗୋପ / ଆଂଚଳିକ ପରିବହନ ଅଧିକାରୀ, ପୁରୀ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ ପର୍ଯ୍ୟଟନ ଅଧିକାରୀ, ପୁରୀ /ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ / ପ୍ରତ୍ନତତ୍ୱ ବିଭାଗ, କୋଣାର୍କ]***

***୬) <u>ଶାନ୍ତି ଶୃଙ୍ଖଳା ରକ୍ଷା</u> :-***

ବିଗତ ବର୍ଷ ଭଳି ଚଳିତ ବର୍ଷ ମେଳା ସମୟରେ ଆବଶ୍ୟକ ଆରକ୍ଷୀ ବାହିନୀ ମୁତୟନ କରାଯିବ । ମେଳା ପଡିଆରେ, ରାସ୍ତାରେ ସମୁଦ୍ରକୂଳ ଇତ୍ୟାଦି ସ୍ଥାନରେ ପେଟ୍ରୋଲିଂ ବ୍ୟବସ୍ଥା କରାଯିବ ।

ଫରେଷ୍ଟ ଅଫିସ୍ ପାଖରୁ ଏବଂ ବତିଘରଠାରୁ ଦୂରରେ ଗାଡି ଗୁଡିକର ପାର୍କିଂ ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ କୋଣାର୍କ କଲେଜ୍ ପଡିଆରେ ମଧ ଗାଡି ଗୁଡିକର ପାର୍କିଂ ବ୍ୟବସ୍ଥା କରାଯିବ । ଆବଶ୍ୟକ ସଂଖ୍ୟକ ଲାଇଫ ଗାର୍ଡ, ଓଡ୍ରାଫ୍ ମୁତୟନ ନିମନ୍ତେ ଅଗ୍ନିଶମ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ଏତଦ୍ ବ୍ୟତୀତ ସ୍ଥାନୀୟ ଲାଇଫ ଗାର୍ଡ

ମାନଙ୍କର ସହଯୋଗ ନିଆଯିବ । ଲାଇଫ୍ ଗାର୍ଡ ମାନେ ଯେପରି ଚନ୍ଦ୍ରଭାଗା ପୁଷ୍କରିଣୀ , ସମୁଦ୍ରକୂଳରେ ବିଛାଇ ହୋଇ ରହି କାର୍ଯ୍ୟ ସମ୍ପାଦନ କରିବେ ସେଥିପାଇଁ ଅଗ୍ନିଶମ ଅଧିକାରୀଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଗଲା ।ଉକ୍ତ କାର୍ଯ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନକର ସହଯୋଗ ନେବା ପାଇଁ ନିର୍ବାହୀ ଅଧିକାରୀ ,କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ଓ ପର୍ଯ୍ୟଟନ ଅଧିକାରୀ ,କୋଣାର୍କ କୁ ଦାୟିତ୍ୱ ଦିଆଗଲା |

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ / ଆରକ୍ଷୀ ନିରୀକ୍ଷକ, କୋଣାର୍କ /ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ / ଅଗ୍ନିଶମ ଅଧିକାରୀ, ପୁରୀ]*

**୭) <u>ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯୋଗାଣ:-</u>**

ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମେଳା ନିମନ୍ତେ ପ୍ରଚୁର ପରିମାଣ ଜାଳେଣୀ କାଠ, ବିଡି କାଠ ମହଜୁଦ୍ ରଖି ଲୋକମାନଙ୍କୁ ସୁଲଭ ଦରରେ ଯୋଗାଇ ଦେବା ନିମନ୍ତେ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବନ ବିଭାଗକୁ ପରାମର୍ଶ ଦେଇଥିଲେ ଏବଂ ଠାକୁର ମାନଙ୍କ ବିମାନ ନିମନ୍ତେ ଆବଶ୍ୟକ ବଲ୍ହା ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା । ଏକ ଅସ୍ଥାୟୀ ଡିପୋ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ।

*[କାର୍ଯ୍ୟାନୁଷ୍ଠାନ:- ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ/ ବନଖଣ୍ଡ ଅଧିକାରୀ, କୋଣାର୍କ/କାର୍ଯ୍ୟ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ]*

**୮) <u>ସୂଚନା ଓ ପ୍ରସାରଣ ବ୍ୟବସ୍ଥା:-</u>**

ଚନ୍ଦ୍ରଭାଗା ମେଳାରେ ତା-୧୧.୨.୨୦୧୯ ରିଖ ଠାରୁ ତା-୧୨.୨.୨୦୧୯ ରିଖ ପର୍ଯ୍ୟନ୍ତ ବୁଡ ଉପଲକ୍ଷେ ସୂଚନା ଓ ପ୍ରସାରଣ ବିଭାଗ ଜନ ସଚେତନତା ଶିବିର ସହିତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ମେଳା ସମୟରେ ହଜିବା ଓ ଖୋଜିବା ବ୍ୟକ୍ତିଙ୍କୁ ସୂଚନା ଡାକବାଜି ଯନ୍ତ୍ର ମାଧମରେ ମେଳା ପଡିଆ, ସୂର୍ଯ୍ୟ ମନ୍ଦିର, ବସ୍ ଷ୍ଟାଣ୍ଡ ନିକଟରେ ଶିବିର କରି ସୂଚନା ପ୍ରଦାନ କରିବେ । ତତ୍ ସଙ୍ଗେ ସଙ୍ଗେ ଯାତ୍ରୀ ମାନଙ୍କର ସୁବିଧା ନିମନ୍ତେ ପାନୀୟ ଜଳ, ପୋଲିସ୍ କ୍ୟାମ୍ପ, ଜାଳେଣୀ କାଠ, ସମୁଦ୍ର ଭିତରକୁ ନ ଯିବା, ପାଇଖାନା ପରିଶ୍ରାଗାର ଏବଂ ଡଷ୍ଟବିନ ବ୍ୟବହାର ଆଦି ସମ୍ପର୍କରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ପ୍ରଦାନ କରିବେ । ଚଳିତ ବର୍ଷ ମାଘ ମେଳା ଉପଲକ୍ଷେ ଆବଶ୍ୟକ ସାଂସ୍କୃତିକ କାର୍ଯ୍ୟକ୍ରମ ଦଳ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗାଇ ଦେବେ । ଆବଶ୍ୟକ ସାଂସ୍କୃତିକ ଦଳ ସମ୍ବନ୍ଧେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଆବେଦନ କଲେ ଆବଶ୍ୟକ ମୁତାବକ ସାଂସ୍କୃତିକ ଦଳ ଠାକୁରଙ୍କ ଶୋଭାଯାତ୍ରା ପାଇଁ ଯୋଗାଇ ଦିଆଯିବ । ମେଳା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ଟେଂଟ,ଷ୍ଟେଜ୍ ଇତ୍ୟାଦି ପୂର୍ତ୍ତ ବିଭାଗ ବିଗତ ବର୍ଷ ପରି କରିବେ । ତତ୍ ସଙ୍ଗେ ସଙ୍ଗେ ଠାକୁରଙ୍କ ଶୋଭାଯାତ୍ରା ପାଇଁ ବିଜ୍ଞାପିତ ଅଂଚଳ ପ୍ରସ୍ତାବ ଦେଲେ ଆବଶ୍ୟକ ଦଳ ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ସଂସ୍କୃତି ଅଧିକାରୀ ବୈଠକରେ ମତବ୍ୟକ୍ତ କରିଥିଲେ । ବିଗତ ବର୍ଷ ପରି ଚଳିତ ବର୍ଷ ରାତ୍ରି ସାରା ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ବୋଲି ସଂସ୍କୃତି ଅଧିକାରୀ ବୈଠକରେ ସୂଚନା ଦେଇଥିଲେ ।ଏହି ଚନ୍ଦ୍ରଭାଗା ମେଳାକୁ ଲୋକାଭିମୁଖୀ କରିବା ପାଇଁ ୪-୫ ଗୋଟି ପ୍ରମୁଖ ସ୍ଥାନରେ ସାଇନେଜ୍ ଲଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ |

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ /ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୁରୀ/ ଆରକ୍ଷୀ ନିରୀକ୍ଷକ, କୋଣାର୍କ*

(signature)

*ଥାନା / କାର୍ଯ୍ୟ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ / ସହକାରୀ ଅଗ୍ନିଶମ ଅଧିକାରୀ, ପୁରୀ]*

୯) **ପବିତ୍ର ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ:-**

ପୁଷ୍କରିଣୀର ପଙ୍କଉଦ୍ଧାର ଏବଂ ପରିଷ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ଏବଂ ଏହିକାର୍ଯ୍ୟ ତୁରନ୍ତ ଶେଷ କରି ମେଳାର ୫ ଦିନ ପୂର୍ବରୁ ବିଜ୍ଞାପିତ ଅଂଚଳ ପରିଷଦକୁ ହସ୍ତାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା । ଗୋଟିଏ ଟିମ୍ ଉକ୍ତ ପଙ୍କ ଉଦ୍ଧାର ଏବଂ ପରିଷ୍କାର କାର୍ଯ୍ୟ ଯାଂଚ କରିବେ ।

ଚନ୍ଦ୍ରଭାଗା ପୁଷ୍କରିଣୀ ର ରକ୍ଷଣା ବେକ୍ଷଣ କାର୍ଯ୍ୟ ସ୍ନାନ ନିମନ୍ତେ ପବିତ୍ର ପୁଷ୍କରିଣୀରୁ ଅଳିଆ ଆବର୍ଜନା ସଫା କରିବା ସହିତ ପୁଷ୍କରିଣୀର ଜଳକୁ ସଛ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦଙ୍କୁ ଦାୟୀତ୍ୱ ଅର୍ପଣ କରାଗଲା । ଚନ୍ଦ୍ରଭାଗା ପୁଷ୍କରିଣୀକୁ ସମୁଦ୍ର ସହ ସଂଯୋଗୀକରଣ ନିମନ୍ତେ ଏକ ସମ୍ଭାବ୍ୟତା ରିପୋର୍ଟ ବା ଚିଠା ପ୍ରସ୍ତୁତ କରିବାକୁ ଡ୍ରେନେଜ ବିଭାଗକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

*[କାର୍ଯ୍ୟାନୁଷ୍ଠାନ:- ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ /ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ, ପୁରୀ ଓ ଭୁବନେଶ୍ୱର]*

୧୦) **ଅନ୍ୟାନ୍ୟ:-**

କ) ଚନ୍ଦ୍ରଭାଗା ମେଳା ଉପଲକ୍ଷେ ତା-୧୧.୨.୨୦୧୯ ରିଖ ଠାରୁ ତା-୧୨.୨.୨୦୧୯ ରିଖ ପର୍ଯ୍ୟନ୍ତ କୋଣାର୍କ ଓ ତତ୍ ସଲଗ୍ନ ଅଂଚଳ ରେ ଥିବା ସମସ୍ତ ମଦ ଦୋକାନ ଗୁଡିକୁ ବନ୍ଦ କରାଯିବା ସହ ସମସ୍ତ ପ୍ରକାର ଚୋରା ମଦ ବିକ୍ରି ନ କରାଯିବା ନିମନ୍ତେ ଅବକାରୀ ଅଧିକ୍ଷକ ଏବଂ ଆରକ୍ଷୀ ନିରିକ୍ଷକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସତନ୍ତ୍ର ସ୍କ୍ୱାଡ୍ ମୁତୟନ ରହିବେ ।

ଖ) ମନ୍ଦିର ଚତୁପାର୍ଶ୍ୱ ଶୃଙ୍ଖଳିତ ଭାବରେ ଉଠାଦୋକାନ ସ୍ଥାନାନ୍ତରିତ କରିବା ପାଇଁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ଆରକ୍ଷୀ ନିରୀକ୍ଷକ/ ତହସିଲଦାର, ଗୋପ ଙ୍କୁ ପରାମର୍ଶ ଦିଆଯାଇଥିଲା ।

ଗ) ସମସ୍ତ ସରକାରୀ ବିଭାଗର କଂଟ୍ରୋଲ୍ ଶିବିର ଆରକ୍ଷୀ ଅଧିକ୍ଷକଙ୍କ ଶିବିର ନିକଟରେ ସ୍ଥାପନ କରିବା ନିମନ୍ତେ ଉକ୍ତ ବୈଠକରେ ସ୍ଥିର କରାଗଲା ।

ଘ) ଚନ୍ଦ୍ରଭାଗା ପବିତ୍ର ପୁଷ୍କରିଣୀରେ ବୁଡ ନିମନ୍ତେ ଦଫାବାରୀ ୪୦୦ ଶହ ଭକ୍ତଙ୍କୁ ଛଡାଯିବା ନିମନ୍ତେ ସ୍ଥିର କରାଗଲା ।

ଙ) କୋଣାର୍କ ମନ୍ଦିର ଭିତରେ ବେଆଇନ ଭାବେ ଭୋଗ ନିମନ୍ତେ କୌଣସି ବ୍ୟକ୍ତିଙ୍କଠାରୁ ଅର୍ଥ ଆଦାୟ ହେଉଥିଲେ ତାହା ବନ୍ଦ କରିବାକୁ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧିଙ୍କୁ ପରାମର୍ଶ ଦିଆଗଲା । ସେ ମଧ୍ୟ ମନ୍ଦିର ପରିସରକୁ ସଫା ଓ ଆଲୋକିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

ଚ) ଅସ୍ଥାୟୀ ଦୋକାନ ଗୁଡିକୁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ଗୋପ ତହସିଲର ଅମିନଙ୍କୁ ନେଇ ଜାଗା ଚିହ୍ନଟ କରି ଏକ ଧାଡିରେ ସୁନ୍ଦର ଭାବରେ କରିବାପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା ।

*[କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ / ଜିଲ୍ଲାପାଳ, ପୁରୀ/ ଅବକାରୀ ଅଧିକ୍ଷକ, ପୁରୀ/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ/ ତହସିଲଦାର, ନିମାପଡା/ଗୋପ-କୋଣାର୍କ /କାକଟପୁର/ ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପୁରୀ /ସହକାରୀ ଅଗ୍ନିଶମ ଅଧିକାରୀ, ପୁରୀ]*

ପରିଶେଷରେ ଚନ୍ଦ୍ରଭାଗା ମେଳା ଶୃଙ୍ଖଳିତ ଓ ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ଜନସାଧାରଣ , ପୂଜକ ମାନଙ୍କ ସହଯୋଗ କାମନା କରି ସଭା ସାଂଗ କରାଗଲା ।

ଜ୍ୟୋତିପ୍ରକାଶ ଦାସ
ଜିଲ୍ଲାପାଳ, ପୁରୀ
୨୧.୦୧.୧୯

ଉପପତ୍ର ସଂଖ୍ୟା - ୧୦୪ /ସା ଓ ବି., ତା- ୨୧.୧.୨୦୧୭

ଏହାର ଏକକିତା ନକଲ ସମସ୍ତ ସଭ୍ୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜ ବିଭାଗ ଦ୍ୱାରା ନେବାକୁ ଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସଠିକ ଅନୁପାଳନ ବିବରଣୀ ଜିଲ୍ଲାପାଳ, ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରିବାକୁ ଅନୁରୋଧ କରାଗଲା ।

ସହାୟକ ଜିଲ୍ଲାପାଳ,
ସାଧାରଣ ଓ ବିବିଧ ଉପବିଭାଗ, ପୁରୀ

ଉପପତ୍ର ସଂଖ୍ୟା - ୧୦୫ /ସା ଓ ବି., ତା- ୨୧.୧.୨୦୧୭

ଏହାର ଏକକିତା ନକଲ ସଚିବ, ଜଳସମ୍ପଦ ବିଭାଗ, ଓଡିଶା, ଭୁବନେଶ୍ୱର/ ନିର୍ଦ୍ଦେଶକ ,ଗୃହ ଓ ନଗର ଉନ୍ନୟନ ବିଭାଗ , ଓଡିଶା, ଭୁବନେଶ୍ୱର / ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱର / ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା, ଓଡିଶା, ଭୁବନେଶ୍ୱର / ନିର୍ଦ୍ଦେଶକ, ଆକାଶବାଣୀ, କଟକ / ନିର୍ଦ୍ଦେଶକ,ଦୂରଦର୍ଶନ, ଭୁବନେଶ୍ୱର / ଆରକ୍ଷୀ ମହାନିର୍ଦ୍ଦେଶକ, ଭୁବନେଶ୍ୱର/ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ / ଅଗ୍ନିଶମ ଅଧିକାରୀ, କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସହାୟକ ଜିଲ୍ଲାପାଳ,
ସାଧାରଣ ଓ ବିବିଧ ଉପବିଭାଗ, ପୁରୀ

ଉପପତ୍ର ସଂଖ୍ୟା - ୧୦୬ /ସା ଓ ବି., ତା- ୨୧.୧.୨୦୧୭

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ , ପୁରୀ / ମାଜିଷ୍ଟ୍ରେଟ , ଲଜିଙ୍ଗ ହାଉସ ଫଣ୍ଡ, ପୁରୀ/ ଉପନିର୍ଦ୍ଦେଶକ ଦୂରଦର୍ଶନ ,ପୁରୀ / ନିର୍ବାହୀ ଯନ୍ତ୍ରୀ, ସେସୁ,ପୁରୀ/ ନିର୍ବାହୀ ଯନ୍ତ୍ରୀ, ସେସୁ ନିମାପଡା / ସହକାରୀ ଯନ୍ତ୍ରୀ , ଆକାଶବାଣୀ, ପୁରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସହାୟକ ଜିଲ୍ଲାପାଳ,
ସାଧାରଣ ଓ ବିବିଧ ଉପବିଭାଗ, ପୁରୀ

ଉପପତ୍ର ସଂଖ୍ୟା - ୧୦୭ /ସା ଓ ବି., ତା- ୨୧.୧.୨୦୧୭

ଏହାର ଏକକିତା ନକଲ ଜିଲ୍ଲା ସୂଚନା ପ୍ରଯୁକ୍ତି ବିଭାଗ ଅଧିକାରୀ, ପୁରୀଙ୍କ ଅବଗତି ତଥା ୱେବସାଇଟରେ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ।

ସହାୟକ ଜିଲ୍ଲାପାଳ,
ସାଧାରଣ ଓ ବିବିଧ ଉପବିଭାଗ, ପୁରୀ